# 19th Summit of SCO Council of Heads of Government to be held on 30 November 2020 in video-conference format

November 28, 2020

## ସାଂଘାଇ ସହଯୋଗ ସଂଗଠନର ସରକାରୀ ମୁଖ୍ୟମାନଙ୍କ ପରିଷଦର ଊନବିଂଶ ଶିଖର ସମ୍ମିଳନୀ 30 ନଭେମ୍ବର 2020 ରେ ଭିଡିଓ କନଫରେନ୍ସିଂ ଜରିଆରେ ଅନୁଷ୍ଠିତ ହେବ

**ନଭେମ୍ବର 28, 2020**

ଭାରତର ମାନ୍ୟବର ଉପରାଷ୍ଟ୍ରପତି ଶ୍ରୀ ଭେଙ୍କେୟା ନାଇଡୁ 30 ନଭେମ୍ବର 2020 ରେ ଭାରତ ଦ୍ୱାରା ଭର୍ଚୁଆଲ୍ ଉପାୟରେ ଆୟୋଜିତ ହେବାକୁ ଥିବା ଏସସିଓ ବା ସାଂଘାଇ ସହଯୋଗ ସଂଗଠନର ସରକାରୀ ମୁଖ୍ୟମାନଙ୍କ ପରିଷଦର ଊନବିଂଶ ବୈଠକରେ ଅଧ୍ୟକ୍ଷତା କରିବେ। 2017 ରେ ଏହି ସଂଗଠନର ପୂର୍ଣ୍ଣ ସଦସ୍ୟତା ହାସଲ କରିବାପରେ ପ୍ରଥମ ଥର ପାଇଁ ଭାରତର ଅଧ୍ୟକ୍ଷତାରେ ଏକ ଶିଖର ସମ୍ମିଳନୀ ସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ପ୍ରତିବର୍ଷ ଏହି ସମ୍ମିଳନୀ ଏସସିଓର ପ୍ରଧାନମନ୍ତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥାଏ ଏବଂ ମୁଖ୍ୟତଃ ସଂଗଠନର ବ୍ୟାପାର ଏବଂ ଅର୍ଥନୈତିକ ବିଷୟ ଉପରେ ଚର୍ଚ୍ଚା କରାଯାଏ।

2. ଶାନ୍ତି, ସୁରକ୍ଷା, ବ୍ୟାପାର, ଅର୍ଥନୀତି ଏବଂ ସଂସ୍କୃତି କ୍ଷେତ୍ରରେ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସାଂଘାଇ ସହଯୋଗ ସଂଗଠନ ବା ଏସସିଓକୁ ଏକ ମହତ୍ତ୍ୱପୂର୍ଣ୍ଣ ଆଞ୍ଚଳିକ ସଂଗଠନ ଭାବରେ ବିବେଚନା କରେ। ଏହି ସଂଗଠନରେ ଏକ ସକ୍ରିୟ, ସକରାତ୍ମକ ଏବଂ ଗଠନମୂଳକ ଭୂମିକା ଗ୍ରହଣ କରି ଭାରତ ଏସସିଓ ସହିତ ନିଜର ସହଯୋଗକୁ ବ୍ୟାପକ କରିବାକୁ ପ୍ରତିଶ୍ରୁତିବଦ୍ଧ।

3. ପୂର୍ବ ଅଧ୍ୟକ୍ଷ ଉଜବେକିସ୍ତାନଠାରୁ ଭାରତ 2 ନଭେମ୍ବର 2019 ରେ ଏସସିଓର ସରକାରୀ ମୁଖ୍ୟମାନଙ୍କ ପରିଷଦର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲା ଏବଂ 30 ନଭେମ୍ବର 2020 ରେ ଏହି ପରିଷଦର ଊନବିଂଶ ଅଧିବେଶନ ଆୟୋଜନ କରି ନିଜର ଏକ ବର୍ଷର କାର୍ଯ୍ୟକାଳ ସମାପ୍ତ କରିବ।

4. 30 ନଭେମ୍ବରରେ ହେବାକୁ ଥିବା ଏସସିଓ ବୈଠକରେ ଏସସିଓ ସଦସ୍ୟ ରାଷ୍ଟ୍ର ଋଷ, ଚୀନ୍, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ ଏବଂ ଉଜବେକିସ୍ତାନର ପ୍ରଧାନମନ୍ତ୍ରୀମାନେ ଯୋଗଦେବେ। ପାକିସ୍ତାନ ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ସଂସଦୀୟ ସଚିବ ନିଜ ଦେଶର ପ୍ରତିନିଧିତ୍ୱ କରିବେ। ଏସସିଓ ସଦସ୍ୟ ରାଷ୍ଟ୍ରମାନଙ୍କ ବ୍ୟତୀତ ଏସସିଓର ଚାରୋଟି ପର୍ଯ୍ୟବେକ୍ଷକ ଦେଶ ଯଥା ଆଫଗାନିସ୍ତାନର ରାଷ୍ଟ୍ରପତି, ଇରାନର ପ୍ରଥମ ଉପରାଷ୍ଟ୍ରପତି, ବେଲାଋଷର ପ୍ରଧାନମନ୍ତ୍ରୀ ଏବଂ ମଙ୍ଗୋଲିଆର ଉପପ୍ରଧାନମନ୍ତ୍ରୀ ମଧ୍ୟ ଏଥିରେ ଯୋଗଦେବେ। ତୁର୍କମେନିସ୍ତାନକୁ ଆୟୋଜକଙ୍କ ବିଶେଷ ଅତିଥି ଭାବରେ ନିମନ୍ତ୍ରଣ କରାଯାଇଛି ଏବଂ ଏଥିରେ ତାଙ୍କ ମନ୍ତ୍ରୀମଣ୍ଡଳର ଉପାଧ୍ୟକ୍ଷ ପ୍ରତିନିଧିତ୍ୱ କରିବେ। ଏସସିଓର ଦୁଇଟି ସଂସ୍ଥାକୁ ଏସସିଓ ମହାସଚିବ ଏବଂ ଏସସିଓ ଆଞ୍ଚଳିକ ଆତଙ୍କବାଦ ବିରୋଧୀ ଢାଞ୍ଚାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତିନିଧିତ୍ୱ କରିବେ। ଏସସିଓ ବ୍ୟବସାୟ ପରିଷଦ ଏବଂ ଏସସିଓ ଆନ୍ତଃବ୍ୟାଙ୍କ ସଂଘର ଅଧ୍ୟକ୍ଷମାନେ ମଧ୍ୟ ଏହି ବୈଠକରେ ଉପସ୍ଥିତ ରହିବେ।

5. 2020 ରେ ଏସସିଓର ସରକାରୀ ମୁଖ୍ୟମାନଙ୍କ ପରିଷଦର ଅଧ୍ୟକ୍ଷ ଭାବରେ ଭାରତ ସହଯୋଗର ତିନୋଟି ନୂତନ ସ୍ତମ୍ଭ ଯଥା ଷ୍ଟାର୍ଟଅପ୍ ଏବଂ ନବସୃଜନ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ପାରମ୍ପାରିକ ଔଷଧ ସୃଷ୍ଟି କରିବା ଉପରେ ବିଶେଷ ଧ୍ୟାନ ଦେଇଛି ଏବଂ ଅନ୍ୟାନ୍ୟ ଠୋସ୍ ପଦକ୍ଷେପ ପାଇଁ ମଧ୍ୟ ପ୍ରସ୍ତାବ ଦେଇଛି। ଷ୍ଟାର୍ଟଅପ୍ ଏବଂ ନବସୃଜନ ଉପରେ ଏକ ନୂତନ ସ୍ୱତନ୍ତ୍ର କାର୍ଯ୍ୟ ଗୋଷ୍ଠୀ ଏବଂ ପାରମ୍ପାରିକ ଔଷଧ କ୍ଷେତ୍ରରେ ସହଯୋଗ ଉପରେ ଏକ ନୂତନ ବିଶେଷଜ୍ଞ ଗୋଷ୍ଠୀ ଗଠନ କରିବା ତଥା ଏହାର ଅଧ୍ୟକ୍ଷତା କରିବାକୁ ଭାରତ ପ୍ରସ୍ତାବ ଦେଇଛି।

ଭାରତ ମଧ୍ୟ ଭର୍ଚୁଆଲ୍ ଉପାୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଛି ଯଥା ସର୍ବପ୍ରଥମ ଏସସିଓ ଯୁବ ବୈଜ୍ଞାନିକଙ୍କ ସଭା (24-28 ନଭେମ୍ବର) ଯେଉଁଥିରେ 200 ରୁ ଅଧିକ ଯୁବ ବୈଜ୍ଞାନିକ ଅଂଶଗ୍ରହଣ କରିଥିଲେ, ଏସସିଓ ଅର୍ଥନୈତିକ ବିଶେଷଜ୍ଞ ଦଳର ପ୍ରଥମ ସଂଘ (20-21 ଅଗଷ୍ଟ) ଏବଂ ପ୍ରଥମ ଏସସିଓ ଷ୍ଟାର୍ଟଅପ୍ ମଞ୍ଚ (27 ଅକ୍ଟୋବର)। ବିଟୁବି ବା ବ୍ୟବସାୟରୁ ବ୍ୟବସାୟ ରୂପରେ ଏଫଆଇସିସିଆଇ ବା ଭାରତୀୟ ବାଣିଜ୍ୟ ଓ ଶିଳ୍ପ ସଂଘ ଏସସିଓ ବ୍ୟବସାୟ ପରିଷଦର ଜାତୀୟ ଅଧ୍ୟାୟ ମାଧ୍ୟମରେ ଏମଏସଏମଇ ବା ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ସହଯୋଗ ଉପରେ ବିଶେଷ ଗୁରୁତ୍ୱ ଦେଇ ପ୍ରଥମ ଏସସିଓ ବ୍ୟବସାୟ ସଭା 23 ନଭେମ୍ବରରେ ଆୟୋଜନ କରିଛି।

6. ଚଳିତ ବର୍ଷ 28 ଅକ୍ଟୋବରରେ ଭାରତ ବୈଦେଶିକ ଅର୍ଥନୀତି ଏବଂ ବୈଦେଶିକ ବାଣିଜ୍ୟ ଦାୟିତ୍ୱରେ ଥିବା ଏସସିଓ ମନ୍ତ୍ରୀମାନଙ୍କର ବୈଠକ ଏବଂ ଭିଡିଓ କନଫରେନ୍ସିଂ ଜରିଆରେ 16 ଅକ୍ଟୋବରରେ ନ୍ୟାୟ ମନ୍ତ୍ରୀମାନଙ୍କ ବୈଠକ ମଧ୍ୟ ଆୟୋଜନ କରିଛି।

7. ସାଂସ୍କୃତିକ ଏବଂ ମାନବିକତା ଦିଗରେ ଭାରତ 2019 ରେ ଏସସିଓର ରାଷ୍ଟ୍ରମୁଖ୍ୟମାନଙ୍କ ବିଶକେକ୍ ଶିଖର ସମ୍ମିଳନୀରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଘୋଷଣାକୁ କାର୍ଯ୍ୟକାରୀ କରିଛି। ଏଥି ମଧ୍ୟରେ ଭାରତର ଜାତୀୟ ସଂଗ୍ରହାଳୟ ପକ୍ଷରୁ ସହଭାଗୀ ବୌଦ୍ଧ ଐତିହ ଉପରେ ପ୍ରଥମ ଏସସିଓ ପ୍ରଦର୍ଶନୀ ଯାହା 30 ନଭେମ୍ବରରେ ଉଦ୍ଘାଟିତ ହେବ ଏବଂ ଦଶଟି ଆଞ୍ଚଳିକ ସାହିତ୍ୟ କୃତିର ରୁଷ ଓ ଚୀନ ଭାଷାରେ ଅନୁବାଦ ଆଦି ଅନ୍ତର୍ଭୁକ୍ତ। 2021 ରେ ଏସସିଓ ଖାଦ୍ୟ ମହୋତ୍ସବ ଆୟୋଜନ କରିବାକୁ ମଧ୍ୟ ଭାରତ ପ୍ରସ୍ତାବ ଦେଇଛି।

8. 30 ନଭେମ୍ବରରେ ଏସସିଓ ସରକାରୀ ମୁଖ୍ୟମାନଙ୍କ ପରିଷଦର ଉନବିଂଶ ବୈଠକରେ ଅଧ୍ୟକ୍ଷତା କରି ଭାରତ ଆଶା କରୁଛିଯେ ଲୋକମାନଙ୍କୁ ଏସସିଓ କାର୍ଯ୍ୟକଳାପର କେନ୍ଦ୍ରରେ ରଖି ଏସସିଓ ମଧ୍ୟରେ ଅଧିକ ବାଣିଜ୍ୟିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ସହଯୋଗକୁ ସୁଦୃଢ କରାଯାଇପାରିବ ତଥା ଏହି ଅଞ୍ଚଳରେ ଅଧିକ ଶାନ୍ତି ଏବଂ ସମୃଦ୍ଧି ବୃଦ୍ଧି ପାଇବ। ଆମେ ଆଶା କରୁଛୁଯେ ଭାରତର ପଦକ୍ଷେପ କେବଳ ଏସସିଓ ସଦସ୍ୟ ରାଷ୍ଟ୍ରମାନଙ୍କ ପାଇଁ କୋଭିଡ-19 ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ଆର୍ଥିକ ଆହ୍ୱାନକୁ ଦୂର କରିବାରେ ସହାୟକ ହେବ ତାହା ନୁହେଁ ବରଂ ସଂଗଠନକୁ ମଜବୁତ କରିବା ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାର ମଧ୍ୟ ସଙ୍କେତ ଦେବ।

9. 30 ନଭେମ୍ବରର ସମ୍ମିଳନୀ ଭାରତର ମାନ୍ୟବର ଉପରାଷ୍ଟ୍ରପତିଙ୍କ ଅଧ୍ୟକ୍ଷତାରେ ମିଳିତ ବିବୃତି ଗ୍ରହଣ କରିବା ସହିତ ଶେଷ ହେବ।

**ନୂଆଦିଲ୍ଲୀ**

**ନଭେମ୍ବର 28, 2020**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.